# NATIONAL NEWS BULLETIN (ODIA)

**7 October - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶବାସୀଙ୍କ ବିଶ୍ୱାସ ଓ ଦଳୀୟ କର୍ମକର୍ତ୍ତାଙ୍କ ସମର୍ଥନ ପ୍ରେରଣାର ଉତ୍ସ ବୋଲି ବିକଶିତ ଭାରତ ସଂକଳ୍ପ ସମାବେଶରେ କହିଲେ ପ୍ରଧାନମନ୍ତ୍ରୀ

- ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ବୃଦ୍ଧିକଲା ଭାରତୀୟ ରିଜର୍ଭବ୍ୟାଙ୍କ

- ଇଣ୍ଡିଆ ମୋବାଇଲ୍ କଂଗ୍ରେସର ଦଶମ ସଂସ୍କରଣ ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ

– ଆସନ୍ତାକାଲି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ଏବଂ

- ସମୃଦ୍ଧି ପାଇଁ ବୟନ : ବାଣିଜ୍ୟ , ପରିବର୍ତ୍ତନ ଓ ସହଭାଗିତା ମାଧ୍ୟମରେ ପରିବେଶ ଗଠନ ପ୍ରସଙ୍ଗରେ ଆଜି ପାଳନ କରାଯାଉଛି ବିଶ୍ୱ ବୟନ ଦିବସ

## ପିଏମ୍-ବିକଶିତ ଭାରତ ସଂକଳ୍ପ

ଦେଶର ଜନସାଧାରଣଙ୍କ ବିଶ୍ୱାସ ଏବଂ କୋଟିକୋଟି ଦଳୀୟ କର୍ମକର୍ତ୍ତାଙ୍କ ସମର୍ପଣ ତାଙ୍କ ପାଇଁ ସବୁଠାରୁ ବଡ଼ ପ୍ରେରଣା ବୋଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀଠାରେ 'ବିକଶିତ ଭାରତ ସଂକଳ୍ପ ସଭା'କୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଦେଶ ଏବଂ ୧୪୦ କୋଟି ନାଗରିକଙ୍କ ଶୁଭ ମନାସି ଶ୍ରୀବିନାୟକଙ୍କ ନିକଟରେ ଆଜି ସକାଳେ ପ୍ରାର୍ଥନା କରିଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି, ଏବେ ଭାରତ ପାଇଁ ଏକ ବଡ଼ ଲକ୍ଷ୍ୟ ସ୍ଥିର କରିବାର ସମୟ ଉପନୀତ ହୋଇଛି । ପୂର୍ବରୁ ଆମେ ଆମଦାନୀ ଉପରେ ଅଧିକ ନିର୍ଭର କରୁଥିବା ବେଳେ ଏବେ ରପ୍ତାନୀ ରେକର୍ଡ ସୃଷ୍ଟି କରୁଛି । ନାଗରିକଙ୍କ ବିଶ୍ୱାସ ଓ ସମର୍ଥନକୁ ତାଙ୍କ ରାଜନୈତିକ ଯାତ୍ରାର ଶ୍ରେୟ ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ ସରକାରଙ୍କ ନାଗରିକ କୈନ୍ଦ୍ରିକ ନୀତି ପ୍ରସ୍ତୁତି ଉପରେ ଆଲୋକପାତ କରିଛନ୍ତି । ଗତ ୧୨ ବର୍ଷ ମଧ୍ୟରେ ଦେଶର ବିଭିନ୍ନ କ୍ଷେତ୍ରରେ ସଂସ୍କାରମୂଳକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ପୂର୍ବରୁ ଆବଶ୍ୟକତା ପାଇଁ ମୋବାଇଲ୍ ଫୋନ୍ ଆମଦାନୀ କରାଯାଉଥିବା ବେଳେ, ଏବେ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ମାଧ୍ୟମରେ ପ୍ରସ୍ତୁତ ମୋବାଇଲ୍ ଫୋନ୍ ବିଶ୍ୱ ବଜାରରେ ନିଜର ଉପସ୍ଥିତିକୁ ଜାହିର କରିପାରିଛି ।

୨୦୧୫ରୁ ୨୫ ମଧ୍ୟରେ ଦେଶରେ ନିରନ୍ତର କୃଷି ଅଭିବୃଦ୍ଧି ଲକ୍ଷ୍ୟ କରାଯାଉଛି ଏବଂ ଏହା ପୂର୍ବର ସମସ୍ତ ସୂଚକାଙ୍କକୁ ଅତିକ୍ରମ କରିଛି । ସେ କହିଛନ୍ତି, ଉଦ୍ଦେଶ୍ୟ ସ୍ପଷ୍ଟ ଥିଲେ ସ୍ୱଚ୍ଛ ନୀତି ପରିଭାଷିତ ଏବଂ ଏହାର ଆଧାରରେ ରୂପାନ୍ତରିତ ସମ୍ଭବ ।

**V/O**

ଶ୍ରୀ ମୋଦୀ କହିଛନ୍ତି, ୨୦୦୧ ଅକ୍ଟୋବର ୭ ତାରିଖରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ବେଳେ କେବେ କଳ୍ପନା କରିନଥିଲେ ଯେ ଏଭଳି ଗୋଟିଏ ଦିନ ତାଙ୍କ ଜୀବନରେ ଆସିବ । ସରକାରଙ୍କ ମୁଖ୍ୟ ଭାବେ ଜନସେବାରେ ୨୫ ବର୍ଷ ନିରନ୍ତର ଯାତ୍ରା' ଦେଶବାସୀଙ୍କ ଅଟଳ ବିଶ୍ୱାସ ଓ ସମର୍ଥନ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

କାର୍ଯ୍ୟକ୍ରମକୁ ସମ୍ବୋଧନ କରି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଦେଶପ୍ରତି ୨୫ବର୍ଷର ନିରନ୍ତର ଓ ଉତ୍ସର୍ଗୀକୃତ ଜନସେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଗରିବ, ଯୁବବର୍ଗ, କୃଷିଜୀବୀ ଏବଂ ମହିଳାଙ୍କୁ ଦୃଷ୍ଟିରେ ରଖି ସରକାର ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀ କରୁଛନ୍ତି ବୋଲି ଶ୍ରୀ ନବୀନ କହିଛନ୍ତି । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ଜନକଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ଉପରେ ଶ୍ରୀ ନବୀନ ଆଲୋକପାତ କରିଛନ୍ତି ।

## ଆରବିଆଇ-୨୫ ପଏଣ୍ଟସ

ଭାରତୀୟ ରିଜର୍ଭବ୍ୟାଙ୍କ-ଆର୍‌ବିଆଇ ଆଜି ରେପୋ ହାରକୁ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରିଛି । ଫଳରେ ଏହା ୫ଦଶମିକ ୫ ପ୍ରତିଶତରେ ପହଞ୍ଚିଛି, ଯାହା ଫେବୃୟାରୀ ୨୦୨୩ ପରଠାରୁ ବେଞ୍ଚମାର୍କ ହାରରେ ପ୍ରଥମ ବୃଦ୍ଧି । ୨୦୨୫ ମସିହାରେ ମୋଟ୍ ୧୨୫ ବେସିସ୍ ପଏଣ୍ଟ ହ୍ରାସ କରିବା ପରେ ଆରବିଆଇ ଗତ ୪ଟି ମୁଦ୍ରାନୀତି ସମୀକ୍ଷାରେ ରେପୋ ହାରକୁ ୫ ଦଶମିକ ୨/୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଥିଲା ।

ଖୁଚୁରା ମୁଦ୍ରାସ୍ଫୀତି ଏବଂ ଅଶୋଧିତ ତୈଳ ଦର ବୃଦ୍ଧି ପୃଷ୍ଠଭୂମିରେ ଏହି ହାର ବଢ଼ିଛି । ୬ ଜଣିଆ ମୁଦ୍ରାନୀତି କମିଟି ପକ୍ଷରୁ  ଏଭଳି ନିଷ୍ପତ୍ତି ନିଆଯାଇଛି ।

## ମୋବାଇଲ୍ କଂଗ୍ରେସ

ଇଣ୍ଡିଆ ମୋବାଇଲ୍ କଂଗ୍ରେସର ଦଶମ ସଂସ୍କରଣ ନୂଆଦିଲ୍ଲୀର ଯଶୋଭୂମିଠାରେ ଆଜିଠାରୁ ଆରମ୍ଭ ହୋଇଛି । 'ସ୍କେଲ୍ ୱିଦ୍‌ଆଉଟ୍ ବାଉଣ୍ଡାରିଜ୍'ବିଷୟବସ୍ତୁ ସହିତ ଦୂରସଂଚାର, ଡିଜିଟାଲ୍ ସଂଯୋଗୀକରଣ ଏବଂ ବୈଶ୍ୱିକ ନବସୃଜନ କ୍ଷେତ୍ରକୁ ଭାରତର ଉଲ୍ଲେଖନୀୟ ଅଗ୍ରଗତିକୁ ପ୍ରଦର୍ଶିତ କରିବ । ଏହା ସହିତ ସହଯୋଗ, ପୁଞ୍ଜିନିବେଶ ଏବଂ ଜ୍ଞାନ ଆଦାନପ୍ରଦାନ ପାଇଁ ଏକ ବିଶ୍ୱସ୍ତରୀୟ ମଞ୍ଚ ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ ।

ସମ୍ମିଳନୀରେ 'ଇନଭେଷ୍ଟିଂ ଇନ୍ ଦି ନେକ୍ସଟ ବିଲିୟନ  ଡିଜିଟାଲ୍ କନେକ୍ସନ୍ସ' ଶୀର୍ଷକ ମନ୍ତ୍ରୀସ୍ତରୀୟ ବୈଠକରେ 'ଦି ସୋଭରେନ୍ ଇନଫ୍ଲେକ୍ସନ ଆଣ୍ଡ୍ ଦି ଫ୍ୟୁଚର ଅଫ୍ ଟେଲିକମ୍', 'ଏଆଇ ଫର୍ ଗୁଡ୍', 'ସାଇବର ସିକ୍ୟୁରିଟି ସମିଟ୍', 'ସିକ୍ସ-ଜି ସିମ୍ପୋଜିୟମ୍', 'ଷ୍ଟାର୍ଟଅପ୍ ୱାର୍ଲକପ୍ ଇଣ୍ଡିଆ-୨୦୨୬' ଆଦି ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟା ପ୍ରସଙ୍ଗ ଆଧାରିତ ଅଧିବେଶନମାନ ଅନୁଷ୍ଠିତ ହେବ ।

ଏହି ୪ ଦିନିଆ ସମ୍ମିଳନୀରେ ବିଶ୍ୱର ବିଭିନ୍ନ ପ୍ରାନ୍ତର ଅଂଶୀଦାର ଯୋଗଦେଉଛନ୍ତି । ପାଖାପାଖି ୧୦୦ଟିରୁ ଅଧିକ ଦେଶର ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ପ୍ରତିନିଧି ଏଥିରେ ଅଂଶ ଗ୍ରହଣ କରୁଛନ୍ତି ।

# ଟେକ୍ସଟାଇଲ୍ ଡେ

ବିଶ୍ୱ ବୟନ ଦିବସ ଆଜି ପାଳନ କରାଯାଉଛି । ବିଶ୍ୱସ୍ତରରେ ଆର୍ଥିକ, ସାମାଜିକ ଓ ପରିବେଶଗତ ସନ୍ତୁଳନ ପାଇଁ ବୟନ କ୍ଷେତ୍ରର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଅକ୍ଟୋବର ୭ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି । ଚଳିତବର୍ଷ 'ସମୃଦ୍ଧି ପାଇଁ ବୟନ:ବାଣିଜ୍ୟ ପରିବର୍ତ୍ତନ ଓ ସହଭାଗିତା ମାଧ୍ୟମରେ ପରିବେଶ ଗଠନ' ପ୍ରସଙ୍ଗ ଆଧାରରେ ଏହି ଦିବସ ପାଳନ କରାଯାଉଛି । ଏହି ଅବସରରେ ଏକ ଭିଡ଼ିଓବାର୍ତ୍ତାରେ ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ ଏ କ୍ଷେତ୍ରର ସମସ୍ତ ଅଂଶୀଦାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଦେଶର ୬୦ଲକ୍ଷ ଚାଷୀ ଏ କ୍ଷେତ୍ରରେ ସାମିଲ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି । ଦେଶର ହସ୍ତଶିଳ୍ପ କ୍ଷେତ୍ର ଘରୋଇ ଚାହିଦା ପୂରଣ କରିବା ସହ ସେମାନଙ୍କର ଉତ୍ପାଦ ରପ୍ତାନୀ କରୁଛନ୍ତି ବୋଲି ଶ୍ରୀ ସିଂ କହିଛନ୍ତି ।

# ସେବାସଂକଳ୍ପ—ଲକ୍ଷପତି ଦିଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତୀକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ

ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣଙ୍କୁ 'ଲକ୍ଷପତି ଦିଦି' କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦନା କରୁଛୁ ।

ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଓ ସେମାନଙ୍କ ଆୟ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସରକାର 'ଲକ୍ଷପତି ଦିଦି' ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ସ୍ୱୟଂସହାୟକ ଗୋଷ୍ଠୀ-ଏସ୍ଏଚ୍ଜି ସହିତ ଜଡ଼ିତ ମହିଳାମାନଙ୍କୁ ବିଭିନ୍ନ ସ୍ଥାୟୀ ଜୀବିକା ନିର୍ବାହ କାର୍ଯ୍ୟରେ ବାର୍ଷିକ ଅତିକମ୍‌ରେ ୧ ଲକ୍ଷ ଟଙ୍କା ରୋଜଗାରକରିବାକୁ ସକ୍ଷମ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ।

ମହିଳାମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ, ଆର୍ଥିକ ସହାୟତା, ଋଣ ସୁବିଧା, ଔଦ୍ୟୋଗିକତା ପାଇଁ ମାର୍ଗଦର୍ଶନ ଏବଂ ବଜାର ସହିତ ସଂଯୋଗୀକରଣ ଭଳି ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସାରା ଦେଶରେ ୬ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

**V/O**

# ଇଣ୍ଡିଆ-ଫିଜି

ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଆହ୍ୱାନର ସମାଧାନ ଲକ୍ଷ୍ୟ ନେଇ ପ୍ୟାରିସ୍ ଚୁକ୍ତିନାମାର କାର୍ଯ୍ୟାନ୍ୱୟନ ଉପରେ ଭାରତ ଗୁରୁତ୍ୱ ଦେଇଛି। ଫିଜି ଠାରେ ଅନୁଷ୍ଠିତ ପ୍ରାକ୍ କୋପ୍-୩୧ ବୈଠକରେ ପରିବେଶମନ୍ତ୍ରୀ ଭୂପେନ୍ଦର ଯାଦବ ଯୋଗଦେଇ  ଜଳବାୟୁ କ୍ଷେତ୍ରରେ ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ଦେଶଗୁଡ଼ିକ ଅଙ୍ଗୀକାରବଦ୍ଧତା ପ୍ରକାଶ କରିବାକୁ ଆହ୍ୱାନ ଦେଇଛନ୍ତି । ବିଶ୍ୱ ତାପମାତ୍ରା ବୃଦ୍ଧିର ପରିମାଣକୁ ଦେଢ଼ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ

ସୀମିତ ରଖିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ବୈଠକ ଅବସରରେ ଶ୍ରୀ ଯାଦବ ଜଳବାୟୁ ପରିବର୍ତ୍ତନ, ଆର୍ଥିକ ସ୍ଥିତି ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଜାତିସଂଘ ଉପସଚିବ ଜେନେରାଲ୍ ଅମିନା ଜେ ମହମ୍ମଦ ଏବଂ ୟୁ.ଏନ୍.ଏ.ସି.ସି.ସି. କାର୍ଯ୍ୟନିର୍ବାହୀ ସଚିବ ସାଇମନ୍ ଷ୍ଟିଏଲ୍ଙ୍କ ସହ ଆଲୋଚନା କରିଛନ୍ତି ।

# ୟୁଏନ୍-ଓଆଇସି

ଜାମ୍ମୁ କାଶ୍ମୀର ଓ ପାକିସ୍ତାନରେ ଥିବା ଆତଙ୍କବାଦୀ ଭିତ୍ତିଭୂମି ବିରୁଦ୍ଧରେ ନିଜର କାର୍ଯ୍ୟାନୁଷ୍ଠାନ ଉପରେ ଇସ୍‌ଲାମୀୟ ସହଯୋଗ ସଂଗଠନ-ଓଆଇସିର ଟିପ୍ପଣୀକୁ ଭାରତ ପ୍ରତ୍ୟାଖ୍ୟାନ କରିଛି । ଜାତିସଂଘ ସାଧାରଣସଭାର ଷଷ୍ଠ କମିଟିରେ ବକ୍ତବ୍ୟ ରଖି ଲୋକସଭା ସାଂସଦ ବିପ୍ଳବ କୁମାର ଦେବ୍ କହିଛନ୍ତି, ଯେଉଁମାନେ ଏଭଳି ମନ୍ତବ୍ୟ ଦେଉଛନ୍ତି, ସେମାନେ ପୀଡ଼ିତ ଏବଂ ଅପରାଧୀ ମଧ୍ୟରେ ପ୍ରଭେଦ ଜାଣିପାରୁ ନାହାନ୍ତି । ସେ କହିଛନ୍ତି, ପାକିସ୍ତାନରୁ ସୃଷ୍ଟି ହେଉଥିବା ସୀମାପାର ଆତଙ୍କବାଦ ବିରୁଦ୍ଧରେ ନିଜର ଲୋକଙ୍କୁ ସୁରକ୍ଷା ଦେବାର ଭାରତର ସଂପୂର୍ଣ୍ଣ ଅଧିକାର ରହିଛି ।

ଶ୍ରୀ ଦେବ ଜାମ୍ମୁକାଶ୍ମୀର ସଂପର୍କରେ ଓଆଇସି ର ମନ୍ତବ୍ୟକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଭାରତର ଅଭିଜ୍ଞତା ଦର୍ଶାଉଛି ଯେ ଆତଙ୍କବାଦ ଏକ ନିରନ୍ତର ବିପଦ ଏବଂ ସେ ଗତବର୍ଷ ଏପ୍ରିଲ୍‌ରେ ହୋଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣର ସୂଚନା ଦେଇଛନ୍ତି, ଯେଉଁଥିରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ । ସେ କହିଛନ୍ତି, ଆତଙ୍କବାଦୀ ସଂଗଠନଗୁଡ଼ିକ ନିଯୁକ୍ତି, ଉଗ୍ରବାଦୀ ଚିନ୍ତାଧାରା, ଅପପ୍ରଚାର ଏବଂ

ଆତଙ୍କବାଦୀ ପାଣ୍ଠି ଯୋଗାଣ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର ଜାରି ରଖିଛନ୍ତି। ଆନ୍ତର୍ଜାତିକ ସ୍ତରରେ ଆତଙ୍କବାଦ କାର୍ଯ୍ୟକଳାପର ଯଥାଶୀଘ୍ର ସମାପ୍ତ ଉପରେ ଶ୍ରୀ ଦେବ ଆହ୍ୱାନ ଦେଇଛନ୍ତି ।

## ପାଣିପାଗ

ନାଗାଲାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରାରେ ଆଜି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି । ଦେଶର ଅନ୍ୟାନ୍ୟ ପ୍ରାନ୍ତ ମଧ୍ୟରୁ ବିହାର, ହରିଆଣା, ଚଣ୍ଡୀଗଡ଼, ଦିଲ୍ଲୀ, ହିମାଚଳପ୍ରଦେଶ, ଜାମ୍ମୁକାଶ୍ମୀ, ଲଦାଖ, ପଞ୍ଜାବ, ତାମିଲନାଡୁ, ପୁଡୁଚେରୀ, କରେଇକାଲ ଏବଂ ଉତ୍ତରପ୍ରଦେଶର ବିଭିନ୍ନ ଅଞ୍ଚଳରେ ମଧ୍ୟ ଆଜି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ପୂର୍ବ-ମଧ୍ୟପ୍ରଦେଶ ଏବଂ ଶନିବାର ପର୍ଯ୍ୟନ୍ତ ଛତିଶଗଡ଼ରେ ବିକ୍ଷିପ୍ତ ଭାବେ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି ।